## ଆଜି କ'ଣ କେଉଁଠି

ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଧାମନଗର ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୯।

## ଜାତୀୟ ସେବା ତାଲିମ ଶିବିର

ଜଳେଶ୍ୱର, ୭।୫(ଡି.ଏନ୍.ଏ.): ଜଳେଶ୍ୱରସ୍ଥିତ ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ସେବା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏନ୍ଏସ୍ଏସ୍ର ଜିଲା ସଂଯୋଜକ ଗୌରାଙ୍ଗ ପଣ୍ଡା ପୌରୋହିତ୍ୟ କରିଥିଲେ। ଫକୀର ମୋହନ ବିଶ୍ୱବିଦ୍ୟାଳୟର ରିସର୍ଚ୍ଚ ପର୍ସନ ପ୍ରଫେସର ଅମୂଲ୍ୟ ଆଚାର୍ଯ୍ୟ, ଅଧକ୍ଷ ସରୋଜ ମହାନ୍ତି ଯୋଗଦେଇ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପ୍ରୋଗ୍ରାମ ଅଫିସର ଶ୍ରବଣ କୁମାର ନାଥ ମଞ୍ଚ ଆହ୍ୱାନ କରିଥିବା ବେଳେ ପୁଷ୍ପମାଳା ତ୍ରିପାଠୀ, ସୁଧିର କୁମାର ମୁଦୁଲି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ନିଶ୍ଚଳ କୁମାର ଘଡେଇ ଧନ୍ୟବାଦ ଦେଇଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତା

ଭଦ୍ରକ ଅଫିସ, ୭।୫ (ସ୍ୱ.ପ୍ର.)-ଭଦ୍ରକ ଜିଲା ଧାମନଗର ବ୍ଲକର କାଶିମପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି କରୁଣାକର ପତି ଓ ନାରାୟଣ ପତିଙ୍କ ୫ ବଖରାରୁ ଉର୍ଦ୍ଧ୍ୱ ଘର ସହ ସମସ୍ତ ସାମଗ୍ରୀ ଜଳିଯାଇଛି। ସାମାଜିକ କର୍ମୀ ସଂଯୁକ୍ତା ଦାସଙ୍କ ସହ ଉତ୍କଳ ସାମ୍ବାଦିକ ସଂଘର ରବିନାରାୟଣ ଖିଲାର, ଖବରଦାତା ସନ୍ତୋଷ ଦାସ, ସାମାଜିକ କର୍ମୀ ବନମାଳୀ ଦାସ, ମାନସ ପରିଡ଼ା, ବିଜେଡି ଯୁବ ସଭାପତି ହେମନ୍ତ ପତି, ସଦାନନ୍ଦ ମହାରାଜ, ଆଇନଜୀବୀ ଧୀରେନ୍ଦ୍ର ନାୟକ, ଅରୁଣ ବିଶ୍ୱାଳ ପ୍ରମୁଖ ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରିଛନ୍ତି। ମାସକର ଜରୁରୀ ସାମଗ୍ରୀ ଯୋଗାଇ ଦେଇଛନ୍ତି।

## ଅଷ୍ଟ ପ୍ରହର ନାମଯଜ୍ଞ

ଗୋପବନ୍ଧୁ ନଗର,୭।୫(ଡି.ଏନ.ଏ.)- ଗୋପବନ୍ଧୁ ନଗର ବ୍ଲକ ଆରପଟାସ୍ଥିତ ଚନ୍ଦ୍ର ଶେଖର ମହାଦେବ ମନ୍ଦିର ସମ୍ମୁଖରେ ୨୩ ତମ ବାର୍ଷିକ ପୂଜା ଓ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସଞ୍ଜୟ କୁମାର ମିଶ୍ର ଓ ନିରଞ୍ଜନ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଗ୍ରାମ ପରିକ୍ରମା କରିବା ପରେ ମହାଦେବ ମନ୍ଦିର ସମ୍ମୁଖ ପୂଜା ମଣ୍ଡପକୁ ଅଣାଯାଇଥିଲା। ନାମ ସଂକୀର୍ତ୍ତନ ଉକ୍ତ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। କମିଟିର ସଭାପତି ଅଭିମନ୍ୟୁ ଜେନା ଓ ସମ୍ପାଦକ ନିରଞ୍ଜନ ଦଳେଇ କର୍ତ୍ତାଭାବେ ଯୋଗଦେଇଥିବା ବେଳେ ଭରତ ଖମାରୀ, ଜ୍ଞାନ ରଞ୍ଜନ ଦଳେଇ, ଚିତ୍ତରଞ୍ଜନ ଖମାରୀ ପ୍ରମୁଖ ପୂଜା କାର୍ଯ୍ୟ ପରିଚାଳନା କରିଥିଲେ।

## ପ୍ରାଣୀଧନ ନିରୀକ୍ଷକ ସମ୍ବର୍ଦ୍ଧିତ

ଭଦ୍ରକ ଅଫିସ,୭।୫- ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ପ୍ରାଣୀଧନ ନିରୀକ୍ଷକ ବିଶ୍ୱଭୂଷଣ ଦାସଙ୍କୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରାଣୀ ସମ୍ପଦ ବିଭାଗର ପ୍ରମୁଖ ସଚିବ ସୁରେଶ କୁମାର ବଶିଷ୍ଠ, ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ଡ. ଯେଦୁଲା ବିଜୟ ଯୋଗ ଦେଇଥିଲେ।

# ସ୍କୁଲ ଉନ୍ନତି ପାଇଁ ଦାନ କଲେ ପେନ୍ସନ ଟଙ୍କା

## ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ

ଭଦ୍ରକ ଅଫିସ, ୭।୫

ଦିନେ ଯେଉଁ ସ୍କୁଲରେ ସେ ପଢୁଥିଲେ, ତାହାର ଉନ୍ନତି ପାଇଁ ନିଜର ପେନ୍ସନ ଟଙ୍କା ଦାନ କରିଛନ୍ତି। ବିଦ୍ୟାଳୟର ବିକାଶ ନିମନ୍ତେ ପେନ୍ସନ ଟଙ୍କାରୁ ୧ ଲକ୍ଷ ସହାୟତା ପ୍ରଦାନ କରି ଏବେ ଚର୍ଚ୍ଚାରେ ରହିଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବାହାରିବିଲ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ନାୟକ(୭୯)। ସେ ଏହି ବ୍ଲକର ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ମୋ ସ୍କୁଲ ଅଭିଯାନରେ ଟଙ୍କା ଦାନ କରିଛନ୍ତି।

ପରମାନନ୍ଦ ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠ ପଢ଼ିଥିଲେ। ସେଠାରୁ ପଢ଼ା ଶେଷ ପରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ତା'ପରେ ଶିକ୍ଷକତା ଜୀବନ ଆରମ୍ଭ କରିଥିଲେ। ଏହି ବ୍ଲକର ଗୋପବନ୍ଧୁନଗର ହାଇସ୍କୁଲରେ ଶିକ୍ଷକତା କରି ୨୦୦୩ରେ ଅବସର ନେଇଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରମାନନ୍ଦ ନାୟକ ଓ ଧୂଷୁରୀ ହାଇସ୍କୁଲର ଶିକ୍ଷୟିତ୍ରୀ।

ସେ କହନ୍ତି, ଧୂଷୁରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପଢ଼ିବା ବେଳେ ବିଭିନ୍ନ ଅଭାବ ଅନୁଭବ କରିଥିଲେ। ସେହି ଅଭାବକୁ ଦୂର କରିବା ପାଇଁ ଭାବିଥିଲେ। ୫-ଟି ଯୋଜନାରେ ଏହି ସ୍କୁଲ ସାମିଲ ହୋଇ ନ ଥିବାରୁ ସ୍ମାର୍ଟ କ୍ଲାସରୁମ୍ ତଥା ଅନ୍ୟାନ୍ୟ ସୁବିଧା ସୁଯୋଗରୁ ପିଲାମାନେ ବଞ୍ଚିତ ହୋଇଛନ୍ତି। ଏଣୁ ଏହି ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ୍ ପାଇଁ ସେ ଏଭଳି ପଦକ୍ଷେପ ନେଇଛନ୍ତି। ଏଥିପାଇଁ ସେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଶନିବାର କାର୍ଯ୍ୟାଳୟକୁ ଆସି ଜିଲାପାଳଙ୍କ ଜରିଆରେ ଉକ୍ତ ସ୍କୁଲକୁ ୧ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ତାଙ୍କର ଏହି ବଦାନ୍ୟତା ପାଇଁ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମହାନ୍ତିଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟ କୃତଜ୍ଞତା ଜଣାଇଛନ୍ତି।

## କୁଲଡିହାରେ ମାଈ ହାତୀର ମୃତ୍ୟୁ

ନୀଳଗିରି,୭।୫(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ କୁଲଡିହା ଅଭୟାରଣ୍ୟର ହାତୀଖୋଲିଆ ସେକ୍ସନ ଅଧୀନରେ ଥିବା ଜଙ୍ଗଲରେ ରବିବାର ସନ୍ଧ୍ୟାରେ ଏକ ମାଈହାତୀର ମୃତ୍ୟୁ ହୋଇଛି। ହାତୀର ଗୋଟିଏ ଗୋଡ଼ରେ କ୍ଷତ ସୃଷ୍ଟି ହୋଇଥିବାରୁ ମାସେ ହେଲା ବନ ବିଭାଗ ତା'ର ଚିକିତ୍ସା କରିଆସୁଥିଲା। ତେବେ ସମସ୍ତ ଚେଷ୍ଟାସତ୍ତ୍ୱେ ଉକ୍ତ ହାତୀର ମୃତ୍ୟୁ ହୋଇଥିବା ବାଲେଶ୍ୱର ଡିଏଫ୍ଓ ଖୁସୱନ୍ତ ସିଂ ସୂଚନା ଦେଇଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ସେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅଞ୍ଚଳରେ ବର୍ଷକ ମଧ୍ୟରେ ୯ ହାତୀଙ୍କ ମୃତ୍ୟୁ ହେଲାଣି।

# ଆର୍ଥିକ ଅନଟନରେ ଯୁଝୁଛନ୍ତି ୪୦ ପରିବାର

## ସଂକଟରେ ଆଲୁମିନିୟମ, କଂସାବାସନ ଶିଳ୍ପ

- କୌଳିକ ବୃତ୍ତି ଆପଣାଇବାକୁ ପରପିଢ଼ି ଅମଙ୍ଗ
- ପାରିଶ୍ରମିକ, କଞ୍ଚାମାଲ ମୂଲ୍ୟ ବି ମିଳୁନି: କାରିଗର

କେନ୍ଦୁଝର,୭।୫(ସ୍ୱ.ପ୍ର.)

ପ୍ରଥମେ କଂସା ଓ ଆଲୁମିନିୟମରେ ନିର୍ମିତ ବାସନର ଚାହିଦା ବହୁଳ ମାତ୍ରାରେ ଥିଲା। ଏବେ ପ୍ଲାଷ୍ଟିକ୍ ଓ ଷ୍ଟିଲ୍ ନିର୍ମିତ ସାମଗ୍ରୀ ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି। ମାତ୍ର ଆଲୁମିନିୟମ, କଂସା ଓ ପିତ୍ତଳର ବ୍ୟବହାର ଆଗ ଭଳି ହେଉ ନ ଥିଲେ ବି ବନ୍ଦ ହୋଇନାହିଁ। ଲୋକେ ଆଲୁମିନିୟମ ଓ କଂସାରେ ତିଆରି ଘରକରଣା ସାମଗ୍ରୀ ଓ ବାସନ ବ୍ୟବହାର କରୁଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ଏସବୁର ଚାହିଦା ରହିଛି। ଏବେ ଆଲୁମିନିୟମ ଓ କଂସା କାରିଗରି ସଂକଟ ଦେଇ ଗତି କରୁଥିବା ବେଳେ କେନ୍ଦୁଝର ଜିଲା ହରିଚନ୍ଦନପୁର, ଘଟଗାଁ ଓ ପାଟଣା ବ୍ଲକ୍ର ୪୦ ପରିବାର ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ମାତ୍ର ଆଗଭଳି ଉକ୍ତ ବ୍ୟବସାୟରେ ଲାଭ ହେଉ ନ ଥିବାରୁ କାରିଗର ପରିବାର ଆର୍ଥିକ ଅନଟନରେ ଦିନ କାଟୁଥିବା ହରିଚନ୍ଦନପୁର ବ୍ଲକ୍ର କଂସାବାସନ କାରିଗର ମାଗୁଣି ମହାରଣା କହିଛନ୍ତି।

ସୂଚନାଯୋଗ୍ୟ, ହରିଚନ୍ଦନପୁର ବ୍ଲକ୍ର ଠାକୁରପଡ଼ା, ପିତା ଟାଙ୍ଗର, ଶଙ୍କରପୁର, ଘଟଗାଁ ବ୍ଲକ୍ର ମସିଣାବିଲା, ପାଟଣା ବ୍ଲକ୍ର ଧନୁର୍ଜୟପୁର ଆଦି ଗ୍ରାମରେ ଉକ୍ତ କାରିଗର ବସବାସ କରୁଛନ୍ତି। ଆଲୁମିନିୟମ ଓ କଂସାକୁ ତରଳାଇ ସେଥିରୁ ବିଭିନ୍ନ ପ୍ରକାର ଘର ଉପକରଣ, ମାଣ, ଚଲା, ଘୋଡ଼ଣି ଆଦି ପ୍ରସ୍ତୁତ କରିଥାନ୍ତି। ସାମଗ୍ରୀକୁ ହାଟ ବଜାର, ଗାଁ ଗଣ୍ଡା ଏବଂ ଯାନିଯାତ୍ରାରେ ବିକ୍ରି କରି ଚଳୁଥିଲେ। ଏବେ ପିତ୍ତଳ କିଲୋ ପାଖାପାଖି ୨୮୦ ଟଙ୍କାରେ କିଣି ସେଥିରୁ ସାମଗ୍ରୀ ପ୍ରସ୍ତୁତ କରି ବିକିଲେ କିଲୋ ପିଛା ୪୦୦ ଟଙ୍କା ମିଳୁଛି। ଆଲୁମିନିୟମ କିଲୋ ୨୫୦ ଟଙ୍କାରେ କିଣି ୩୦୦ରୁ ୩୫୦ରେ ସାମଗ୍ରୀ ବିକ୍ରି କରିଥାଉ। ଏଥିରେ ପରିଶ୍ରମ ସାଙ୍ଗକୁ ପ୍ରସ୍ତୁତ ପାଇଁ ଦରକାର ସାମଗ୍ରୀ କୋଇଲା ଆଦି ବାବଦକୁ ଖର୍ଚ୍ଚ ଅଧିକା ହୋଇଥାଏ। ବହୁ କଷ୍ଟରେ ମାସକୁ ୨/୩ ହଜାର ଟଙ୍କା ରୋଜଗାର କରିପାରୁଛୁ। ପରିଶ୍ରମ ଅନୁଯାୟୀ ପାରିଶ୍ରମିକ ମିଳୁନାହିଁ। ଏଣୁ ଧୀରେ ଧୀରେ ଆଗ୍ରହ କମୁଛି। ଫଳରେ ଆଗାମୀ ପିଢ଼ି କୌଳିକ ବୃତ୍ତିକୁ ଆପଣାଇବାକୁ ଅମଙ୍ଗ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଲୋନ ଓ ଅନ୍ୟାନ୍ୟ ସୁବିଧା ମିଳିଲେ କୌଳିକ ବୃତ୍ତି ବଞ୍ଚି ରୁହନ୍ତା ବୋଲି ମସିଣାବିଲା ଗ୍ରାମର କାରିଗର ସନ୍ତୋଷ ମହାରଣା କହିଛନ୍ତି। ବ୍ୟକ୍ତିଗତ ଋଣ ମିଳୁ ନାହିଁ। ଗୋଷ୍ଠୀ ଜରିଆରେ ଋଣ ବ୍ୟବସ୍ଥା କରାଯାଉଛି। ଫଳରେ ଏଭଳି କାମରେ ଗୋଷ୍ଠୀ ଗଠନ କରି ଋଣ କରିବା ସୁବିଧା ହେବନାହିଁ। ବରଂ ସମବାୟ ସମିତି ଗଠନ କରି ତା ମାଧ୍ୟମରେ ସରକାର ଅର୍ଥ, କଞ୍ଚାମାଲ ଆଦି ଯୋଗାଇଦେଲେ, ବିକ୍ରି ବ୍ୟବସ୍ଥା କରାଇଲେ ସମସ୍ତେ ଲାଭବାନ ହେବେ ବୋଲି ଅନେକେ ମତବ୍ୟକ୍ତ କରୁଛନ୍ତି। ଅଧିକ ଋଣ ସୁବିଧା ମିଳିଲେ ଏବଂ ବିକ୍ରିବଟା ବ୍ୟବସ୍ଥା କରାଗଲେ ସେମାନଙ୍କ ଅବସ୍ଥା ସୁଧୁରିଯିବ ବୋଲି ପୁରୁଖା କାରିଗର ନୀଳକଣ୍ଠ ମହାରଣା, ଧୂଳିଆ ମହାରଣା ପ୍ରମୁଖ ମତବ୍ୟକ୍ତ କରିଛନ୍ତି ।


ଆଲୁମିନିୟମ ଘରକରଣା ସାମଗ୍ରୀ।

## 'ମେ ଆଇ ହେଲ୍ପ ୟୁ' ପକ୍ଷରୁ ଅସହାୟଙ୍କୁ ସହାୟତା

ଜଳେଶ୍ୱର,୭।୫(ଡି.ଏନ୍.ଏ)

ଜଣେ ମହିଳାଙ୍କ ରୋଜଗାରରେ ପରିବାର ଚଳୁଥିବା ବେଳେ ସମ୍ପୂର୍ଣ୍ଣ ପରିବାର ରୋଗାଗ୍ରସ୍ତ ହୋଇ ଅସହାୟ ଅବସ୍ଥାରେ ରହିଛନ୍ତି। ଖବର ପାଇ 'ମେ ଆଇ ହେଲ୍ପ ୟୁ' ସଂଗଠନ ସେମାନଙ୍କୁ ସହାୟତା ଲାଗି ହାତ ବଢ଼ାଇଛି। ଜଳେଶ୍ୱର ବ୍ଲକ୍ର ମଳରାମପୁର ଗାଁର ବାଜୁନ ବାସ୍କେ (୪୦) ଜଣେ ଅକ୍ଷମ ଓ ରୋଗାକ୍ରାନ୍ତ ବ୍ୟକ୍ତି। ସେ ଦୁର୍ଘଟଣାରେ ଅଙ୍ଗ ହରାଇଥିବା ବେଳେ ତାଙ୍କ ପୁଅର ହାତ ଭାଙ୍ଗିଯାଇଥିବାରୁ ଦୀର୍ଘବର୍ଷ ଧରି ଚିକିତ୍ସିତ ହେଉଛି। ଝିଅ ୩ବର୍ଷ ଧରି ରୋଗାଗ୍ରସ୍ତ ହୋଇ ଚିକିତ୍ସାଧୀନ। ବାଜୁନ୍ଙ୍କ ବାପା ଦୁର୍ଘଟଣାରେ ଗୋଟିଏ ଗୋଡ଼ ହରାଇଥିବା ବେଳେ ସମସ୍ତ ପରିବାରକୁ ବାଜୁନଙ୍କ ସ୍ତ୍ରୀ ଗଙ୍ଗା ବାସ୍କେଙ୍କ ରୋଜଗାରରେ ଚଳିବାକୁ ହୁଏ । କେବଳ ପ୍ରତିପୋଷଣ ନୁହେଁ ସମସ୍ତଙ୍କ ଚିକିତ୍ସା ଲାଗି ପରଘରେ ମୂଲ ଲାଗିବାକୁ ପଡ଼େ। ଏପରି ଦୂରାବସ୍ଥା ଦେଖି ଜଳେଶ୍ୱରର ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ, ମୋ ପରିବାର ପକ୍ଷରୁ ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଇଛି। ଚିକିତ୍ସାଲାଗି ୫ ହଜାର ଟଙ୍କା ଓ ଖାଦ୍ୟପାଇଁ ୨ ମାସର ରାସନ, ନୂଆଲୁଗା ଯୋଗାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ସଂଗଠନର ଉପଦେଷ୍ଟା ଅମୀୟ ମହାନ୍ତି, ଶାନ୍ତନୁ ସେନାପତି, ରାଜୀବ ପରିଡ଼ା, ସଂଗଠନର ମୁଖ୍ୟ ଜଗନ୍ନାଥ ପରିଡ଼ା, ସଭାପତି ନରହରୀ ବେହେରା, ଶୁଭମ୍ ମହାନ୍ତି, ରିତାରାଣୀ ଦାସ, କୁମୁଦିନୀ ବ୍ରହ୍ମ, ମଧୁସ୍ମିତା ଦାସ, ସୌଭାଗ୍ୟ ପାଳ, ଅମିତ ଦାସ, ରାଜୀବ ଗିରି, ଅଜୟ ବାଗ, ଜୟପ୍ରକାଶ ବେହେରା, ଅଜୟ ଘୋଷ, ନିରୋଜ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।

## ନାଟକ ଉତ୍ସବରେ ପ୍ରତିଭା ସମ୍ବର୍ଦ୍ଧିତ


ଉତ୍ସବରେ ନାଟ୍ୟ ନିର୍ଦ୍ଦେଶକ ଧର୍ମେନ୍ଦ୍ର କୁମାର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଅଫିସ, ୭।୫

ଭଦ୍ରକ ବ୍ଲକର କଲେଇ ରଙ୍ଗରାଜପୁରଠାରେ ବାବା ବଜରଙ୍ଗବାଲି ଯୁବନାଟ୍ୟ ପରିଷଦ ପକ୍ଷରୁ ବାର୍ଷିକ ନାଟକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ପ୍ରଭାକର ପାତ୍ରଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅମିତାଭ ଦାସ ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ଯୋଗଦେଇ ଓଡ଼ିଆ ନାଟ୍ୟ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଯୁବପିଢ଼ିଙ୍କ ପ୍ରୟାସ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ସାହିତ୍ୟିକ ନିର୍ମଳ ସ୍ୱାଇଁ ସଂଯୋଜନା କରିଥିଲେ। ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଶିକ୍ଷକନେତା ବାବୁଲା ରାଉତ, ଯୁବନେତା ତାପସ ରାୟ, ସୁନୀଲ ଲେଙ୍କା, ସରପଞ୍ଚ ନିରଞ୍ଜନ ମଲ୍ଲିକ, ପ୍ରଧାନ ଶିକ୍ଷକ ଶେଖର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ନାଟ୍ୟ ପରିଷଦ ପକ୍ଷରୁ ସୌଖୀନ ରଙ୍ଗମଞ୍ଚର ଲୋକପ୍ରିୟ ନିର୍ଦ୍ଦେଶକ ଧର୍ମେନ୍ଦ୍ର କୁମାର ଦାସଙ୍କ ସମେତ ବହୁ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଆଇନଜୀବୀ କ୍ଷୀରୋଦ ସେଠୀ, ମୃତ୍ୟୁଞ୍ଜୟ ମହାନ୍ତି, ସନ୍ତୋଷ ସ୍ୱାଇଁ, ରତିକାନ୍ତ ପୁହାଣ, ଅମର ସ୍ୱାଇଁ, ମୃତ୍ୟୁଞ୍ଜୟ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦିବ୍ୟାଙ୍ଗଙ୍କୁ ମରଣାନ୍ତକ ଆକ୍ରମଣ, ୨ ଗିରଫ

ଢେଙ୍କିକୋଟ,୭।୫(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧୀନ ଢେଙ୍କିକୋଟ ବଜାରରେ ଶନିବାର ଜଣେ ଆଦିବାସୀ ଦିବ୍ୟାଙ୍ଗ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଘଟଗାଁ ଥାନାରେ ଅଭିଯୋଗ ପରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଜାରରେ ଚିକେନ୍ ସେଣ୍ଟର କରିଥିବା ମୋଜାକିର ଆନ୍‌ସାରୀ ଓ ମଜାସିଲ ଆନ୍‌ସାରୀ।

ସୂଚନା ଅନୁଯାୟୀ, ଢେଙ୍କିକୋଟ ଦଳେଇ ସାହିର ଦିବ୍ୟାଙ୍ଗ ଯୁବକ ସୁଧାଂଶୁ ଶେଖର ନାୟକ ଆନ୍‌ସାରୀ ଚିକେନ ସେଣ୍ଟରକୁ ଚିକେନ ପାଇଁ ଆସିଥିଲେ। ୫୦୦ ଗ୍ରାମ୍ ଚିକେନ ମାଗିଥିଲେ। ମାତ୍ର ଚିକେନ ଦୋକାନରେ ଥିବା ମୋଜାକିର ଜାତିଗତ ଆକ୍ଷେପ ପରି ଦୋକାନ ବାହାରେ ବସିବାକୁ କହିଥିଲେ। ସୁଧାଂଶୁ ଏହାର ପ୍ରତିବାଦ କରିବାରୁ ମୋଜାକିର ଉତ୍ତ୍ୟକ୍ତ ହୋଇ ତାଙ୍କୁ ମାଡ଼ ମାରିଥିଲେ। ମୋଜାକିରଙ୍କ ଭାଇ ମଜାସିଲ ମଧ୍ୟ ଗୋଇଠା ମାରିଥିଲେ। ପରେ ଦୁଇ ଭାଇ ନିସ୍ଥୁକ ମାଡ଼ ମାରିବା ସହ ଚିକେନ କଟା ଚାପଡ଼ରେ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ସମୟରେ ପଡ଼ୋଶୀ ଦୋକାନୀମାନେ ଆସି ସୁଧାଂଶୁଙ୍କୁ ଉଦ୍ଧାର କରିଥିଲେ। ସୁଧାଂଶୁ ଘଟଗାଁ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଗାଁ ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତରଣୀସେନ ବାଗ ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ଘଟଗାଁ ଥାନାରେ ମାମଲା(ନଂ.୯୧/୨୩) ରୁଜୁ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି।

## ପିଲାଙ୍କ ପାଇଁ ଲେଖିଲେ ବୟସ୍କଙ୍କ ଔଷଧ

ବସ୍ତା,୭।୫(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଡାକ୍ତରଖାନାରେ ପୁଣି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଡାକ୍ତରଖାନାରେ ଦାୟିତ୍ୱରେ ଥିବା ଜଣେ ଡାକ୍ତର ଏକ ଛୋଟ ପିଲା ପାଇଁ ବୟସ୍କ ଲୋକଙ୍କ ଔଷଧ ଲେଖିଥିଲେ। ଯାହାକୁ ନେଇ ମେଡିକାଲ ପରିସରରେ ଉତ୍ତେଜନା ଦେଖାଯାଇଥିଲା।

ସୂଚନା ଅନୁଯାୟୀ, ବସ୍ତା ଥାନା ବାହାର୍ଦା ଗ୍ରାମର ସେକ୍ ଜାଗିରୁଦ୍ଦିନଙ୍କ ୩ ବର୍ଷର ପୁଅର ଦେହ ଅସୁସ୍ଥ ହେବାରୁ ଶନିବାର ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଆଉଟଡୋର ଟିକେଟ କାଟିବା ପରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ଦେଖାଇଥିଲେ। ମାତ୍ର ଡାକ୍ତର ତାଙ୍କର ଟିକେଟକୁ ନ ଦେଖି ବୟସ୍କ ଲୋକଙ୍କ ପାଇଁ ଉର୍ଦ୍ଦିଷ୍ଟ ମେଡିସିନ ଲେଖିଥିଲେ। ପରେ ଜାଗିରୁଦ୍ଦିନ ଚିଠା ଦେଖାଇ ମେଡିସିନ କାଉଣ୍ଟରରୁ ମେଡିସିନ ନେବା ପରେ ସନ୍ଦେହ ହେବାରୁ ପୁଣି ଡାକ୍ତରଙ୍କ ପାଖକୁ ଯାଇ ଦେଖାଇଥିଲେ। ମେଡିସିନଗୁଡ଼ିକ ବୟସ୍କ ଲୋକମାନଙ୍କ ପାଇଁ ଲେଖା ଯାଇଥିବା ଡାକ୍ତର କହିଥିଲେ। ଯାହାକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବରୁ ଏଭଳି ଡାକ୍ତରଙ୍କ ଦାୟିତ୍ୱହୀନତାକୁ ନେଇ ଅନେକ ଅଭିଯୋଗ ରହିଥିବା ବେଳେ ରୋଗୀଙ୍କ ଜୀବନ ସହ ଖେଳ ଖେଳୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଦେବବ୍ରତ ଜେନା, ଅବସରପ୍ରାପ୍ତ ଡାକ୍ତର ଅରୁଣ କୁମାର ଭୂୟାଁଙ୍କ ସହ ବହୁ ଅଧିକାରୀମାନେ ଉପସ୍ଥିତ ରହି ଘଟଣାର ସମାଧାନ କରିବାକୁ ଚେଷ୍ଟା କରିଥିଲେ। ଖୁବଶୀଘ୍ର ସମାଧାନ କରାଯିବ ବୋଲି ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

# କଳା, ସଂସ୍କୃତି କ୍ଷେତ୍ରରେ ଢେଙ୍କାନାଳ ସ୍ୱତନ୍ତ୍ର


ଅତିଥିମାନେ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।


କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ଢେଙ୍କାନାଳ ଉତ୍ସବ

ଭୁବନେଶ୍ୱର,୭।୫(ବ୍ୟୁରୋ)

ଢେଙ୍କାନାଳ ସାଂସ୍କୃତିକ ପରିଷଦ ଭୁବନେଶ୍ୱର ପକ୍ଷରୁ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ରବିବାର ରବୀନ୍ଦ୍ର ମଣ୍ଡପଠାରେ ଢେଙ୍କାନାଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଢେଙ୍କାନାଳ ଜିଲା କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ଆଦି ବିଭିନ୍ନ କ୍ଷେତ୍ରରେ ଓଡିଶାରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ସମ୍ମାନିତ ଅତିଥି ଭାବେ ନାଲ୍‌କୋର ନିର୍ଦ୍ଦେଶକ(କମର୍ସିଆଲ) ସଦାଶିବ ସାମନ୍ତରାୟ ଏବଂ ଢେଙ୍କାନାଳ ସାଂସ୍କୃତିକ ପରିଷଦର ଉପଦେଷ୍ଟା କୃଷ୍ଣଚନ୍ଦ୍ର ଆଇଚ ପ୍ରମୁଖ ଯୋଗଦେଇଥିଲେ। ପରିଷଦ ସଭାପତି ଡ. ସୌରେନ୍ଦ୍ର କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଂସ୍କୃତିକ ସମାରୋହରେ ସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ ଉତ୍ସବ ଆୟୋଜନ ସଂପର୍କରେ କହିଥିଲେ। ଏହି ଅବସରରେ ସ୍ମରଣିକା 'ଅନନ୍ୟ ଢେଙ୍କାନାଳ' ଉନ୍ମୋଚିତ ହୋଇଥିଲା। ଏଥିସହ ପଦ୍ମଶ୍ରୀ ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ଦାଶ, ସାରସ୍ୱତ ସାଧକ ପଦ୍ମଶ୍ରୀ ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ଚଳଚ୍ଚିତ୍ର ପ୍ରଯୋଜକ ଘନଶ୍ୟାମ ମହାପାତ୍ର, ଆସିକା ଆରକ୍ଷୀ ଅଧିକାରୀ ପ୍ରଶାନ୍ତ ସାହୁ, ପରିବେଶବିତ୍ ଶୁଭ୍ରାଂଶୁ ଶତପଥୀ, ସମାଜ ସେବିକା ଅଙ୍କିତା ସାହୁ ଏବଂ ସମାଜସେବୀ ଦଣ୍ଡଧର ପାଣିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେମାନନ୍ଦ ବିଶ୍ୱାଳଙ୍କୁ 'ଢେଙ୍କାନାଳ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ପରେ ଗୁରୁ ଗୌରୀଶଙ୍କର ଦାଶଙ୍କ ନିର୍ଦ୍ଦେଶନାରେ ଦେବାଂଶୀ ଏକାଡେମୀର କଳାକାରମାନେ ଓଡିଶୀ ନୃତ୍ୟ ଓ ଆଦିବାସୀ ନୃତ୍ୟ, ଡ. ଜୟଶ୍ରୀ ଧଳ, ଡ. ମୋନାଲିସା ପାଳ, ସୌମ୍ୟ ମହାନ୍ତିଙ୍କ ଦ୍ୱାରା କଣ୍ଠ ସଂଗୀତ, ରୂପାଲୀ ପାଣି ଓ ଆୟୁଷ୍ମାନ ମହାପାତ୍ରଙ୍କ ଦ୍ୱାରା ଆଧୁନିକ ନୃତ୍ୟ, ନବଜୀବନ ନାଟ୍ୟ ଶାସ୍ତ୍ର ଅନୁଷ୍ଠାନ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ, ଖେମୁଣ୍ଡି ଲୋକନାଟ୍ୟ ଏକାଡେମୀ ଦିଗପହଣ୍ଡି ଦ୍ୱାରା ମାଣିକ (ମୁଖା ନୃତ୍ୟ), ଶିବ ପାର୍ବତୀ ଗୋଟିପୁଅ ନାଟ୍ୟ ପରିଷଦ ସାକ୍ଷୀଗୋପାଳ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ବସନ୍ତ କୁମାର ପଟ୍ଟନାୟକ ହାସ୍ୟରସ ପରିବେଷଣ କରିଥିଲେ। ଢେଙ୍କାନାଳ ସାଂସ୍କୃତିକ ପରିଷଦର ରୁଦ୍ର ପ୍ରସାଦ ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ଅବନୀକାନ୍ତ ମିଶ୍ର ମଞ୍ଚ ପରିଚାଳନା ଓ ସାମନ୍ତ ଜ୍ୟୋତି ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**St. Xavier's High School**
**Ranposi, Gengutia, Dhenkanal**
**NOTICE TO PARENTS/ TEACHERS/ STUDENTS**

Dear Parents / Teachers / Students,

As per the Central Govt. & RBI Directives, now un-wards school is going to implement **total cash less** for fees & all type of dues, receivables and payments. Hence, you are here by informed that, from 10th May 2023, school is going to accept all fees, dues & receivables through digital mode only. No cash payment will be entertained at the fees collection counter hence forth after 9th May 2023. You should pay the fees, dues & receivables through the below digital mode only.

**1. Debit Card 2. Credit Card 3. UPI 4. QR Code Scan 5. NEFT/RTGS**
**For NEFT/RTGS here are the Bank Account Details are:**
**Name-St. Xavier's High School, A/c No: 50200051792580**
**IFSC Code: HDFC0001978, Bank Name: HDFC Bank Ltd.**
**Account Type : Current Account, Bank Branch: Dhenkanal**
**For any difficulty, Please Contact the following in Phone No.: 9040090317**

**Managing Trustee**
**St. Xavier's High School, Ranposi, Dhenkanal**
**NB: Please ensure the name of the school (St. Xavier's High School and Account No (50200051792580) before payment.**

## ସଂକ୍ଷେପରେ

### ୯ରେ ପାପସରା ଚନ୍ଦନ ଯାତ୍ରା

**ବଇଣ୍ଡା, ୭।୫(ଡି.ଏନ.ଏ)**-କିଶୋରନଗର ବ୍ଲକ ପାପସରା ଗ୍ରାମରେ ୯ ତାରିଖରେ ଚନ୍ଦନ ଯାତ୍ରା ପାଳିତ ହେବ। ଏ ନେଇ ଶୁକ୍ରବାର ଗ୍ରାମ ସଭାପତି ଆନୁକୂଲ୍ୟ ବେହେରାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି ବାଟି ପ୍ରଧାନ, ପୁରୁଷୋତ୍ତମ ପ୍ରଧାନ, ମହାଦେବ ସାହୁ, ନରହରି ପ୍ରଧାନ, ଲିଟୁ ସାହୁ, ସ୍ୱାଧୀନ ପ୍ରସାଦ, କୁଳମଣି ନାୟକ, ଦୀନବନ୍ଧୁ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶାନ୍ତିଶୃଙ୍ଖଳାର ସହ ଯାତ୍ରା ଆୟୋଜନ, ଶ୍ରଦ୍ଧାଳୁଙ୍କ ସୁରକ୍ଷା ବ୍ୟବସ୍ଥା, ଠାକୁରଙ୍କ ନୀତିକାନ୍ତି ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

### କଲୋନୀରେ ପଶି କାର୍ ଜାଳିଦେଲେ



**ଅନୁଗୋଳ ଅଫିସ, ୭।୫** -ଅନୁଗୋଳ ସଦର ଥାନା କୁମଣ୍ଡ ପଞ୍ଚାୟତର ଭଣ୍ଡୁବର ବିଡିଓ କଲୋନୀ ପାଚେରି ଡେଇଁ ଦୁର୍ବୃତ୍ତମାନେ ଏକ କାର୍ ଜାଳିଦେଇଛନ୍ତି। ଶନିବାର ରାତିରେ ଏହି ଘଟଣା ଘଟିଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତନାଘନା ଆରମ୍ଭ କରିଛି। ସୂଚନାଯୋଗ୍ୟ, ବିଡିଓ କଲୋନୀର ଲଳିତେନ୍ଦୁ ବେହେରାଙ୍କ ଭଡ଼ା ଘରେ ଅରୁଣ କୁମାର ଦାସ ୪ ବର୍ଷ ହେଲା ଭଡ଼ା ସୂତ୍ରରେ ରହୁଛନ୍ତି। ସେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଛନ୍ତି। ଗତ ଶନିବାର ଭଡ଼ା ଘର ବାହାରେ କାର୍ (ନଂ. ଓଡ଼ି ୧୯ ୟୁ ୭୮୯୩) ରଖି କମ୍ପାନୀକୁ ଯାଇଥିଲେ। ଶନିବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ପାଚେରି ଡେଇଁ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ଉଭୟ ଘରେ ଭଡ଼ାରେ ରହୁଥିବା କେତେଜଣ ବ୍ୟକ୍ତି କାର୍ ଜଳୁଥିବା ଦେଖି ତଳକୁ ଆସି ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ପାଖପଡ଼ୋଶୀଙ୍କଠାରୁ ସୂଚନା ପାଇ ଅରୁଣ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଖୋଳତାଡ଼ କରୁଛି।

### ଚା ଦୋକାନରୁ ଲୁଟ୍ ଘଟଣା: ୨ ଗିରଫ

**ଅନୁଗୋଳ ଅଫିସ,୭।୫**-ଅନୁଗୋଳ ଜିଲା ଗୋପାଳପ୍ରସାଦ ଥାନା ଲଚ୍ଛମନପୁର ସାଇଲୋ ନିକଟରେ ଥିବା ନେଉଳ ବେହେରାଙ୍କ ଚା ଦୋକାନରୁ ଲୁଟ୍ ଘଟଣାରେ ରବିବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୋଲିୟରୀ ଥାନା ବାଘମରା ସାହିର ଦୀପକ ବେହେରା (୨୮) ଓ ଅମଲାପଡ଼ା ଷଷ୍ଠ ଲେନ୍‌ର ଲକ୍ଷ୍ମଣ ମହାରଣା (୨୮)। ଗତ ୨୪ ତାରିଖରେ ନେଉଳ ଦୋକାନରେ ନ ଥିବା ସମୟରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତ ଆସି ତାଙ୍କ ପୁତୁରାଙ୍କୁ ମାର୍‌ପିଟ୍ କରିଥିଲେ। ଦୋକାନରେ ଥିବା ୩୦ ହଜାର ଟଙ୍କା ନେଇଯାଇଥିଲେ। ନେଉଳଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୧୦୦/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଏସ୍‌ଆଇ ଅର୍ଚ୍ଚନା ନାୟକ ପ୍ରକାଶ କରିଛନ୍ତି।

# ବନ୍ତଳା ବନାଞ୍ଚଳରେ ଥମୁନି ଦନ୍ତା ଦୌରାମ୍ୟ



ନରହନ୍ତା ଦନ୍ତା। (ବୃତ୍ତ ଚିହ୍ନିତ)

- ■ତୋଟାରେ ମହିଳାଙ୍କୁ କଚାଡ଼ି ମାରିଲା
- ■ସୋଲାର ବାଡ଼ରେ ଘଣ୍ଟାଏ ଫସିଲା

**ଅନୁଗୋଳ ଅଫିସ, ୭।୫**

ଅନୁଗୋଳ ବନଖଣ୍ଡ ବନ୍ତଳା ବନାଞ୍ଚଳରେ ଦନ୍ତା ଦୌରାମ୍ୟ ଥମିବାର ନାଁ ନେଉନାହିଁ। ପାଚିଲା ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ଶୁଣ୍ଢରେ ପିଟି ଜଣେ ମହିଳାଙ୍କ ଜୀବନ ନେଇଛି ହାତୀ। ମୃତା ହେଲେ ତଳଗଡ଼ ଗ୍ରାମର ବିଜୁଳି ସାହୁ (୬୨)। ମହିଳାଙ୍କୁ କଚାଡ଼ି ମାରିଦେବା ପରେ ହିଂସ୍ର ହାତୀ ପ୍ରାୟ ଘଣ୍ଟାଏ ଧରି ସୋଲାର ତାରବାଡ଼ରେ ଫସିରହିଥିଲା। ବିଦ୍ୟୁତ୍ ସରବରାହ ବନ୍ଦ କରି ତାର କଟାଯିବା ପରେ ହାତୀ ବାହାରକୁ ବାହାରିଥିବା ବନାଞ୍ଚଳ ଅଧିକାରୀ ନୀଳାଦ୍ରିନାଥ ସାହୁ ସୂଚନା ଦେଇଛନ୍ତି।

ତଳଗଡ଼ ଗ୍ରାମର ବିଜୁଳି ରବିବାର ଭୋର୍ ସମୟରେ ତୋଟାକୁ ପାଚିଲା ଆମ୍ବ ଗୋଟାଇବାକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରିବାର ଲୋକଙ୍କ କହିବା କଥା, ଜମିରେ ଶନିବାର ହଳ କରାଯାଇଥିବାରୁ ପରିବାର ସଦସ୍ୟ ସୋଲାର ତାର ଟେକିଦେଇଥିଲେ। ଏହି ବାଟ ଦେଇ ହାତୀ ଆମ୍ବ ବଗିଚାରେ ପଶିଥିଲା। ଫଳରେ ଏଭଳି ଅଘଟଣ ଘଟିଲା।

ଅନୁଗୋଳ ଜିଲାରେ ହାତୀ-ମଣିଷ ସଂଘର୍ଷ ତୀବ୍ର ରୂପ ନେଇଛି। ଚଳିତ ବର୍ଷ ଜାନୁୟାରୀ ୧ରୁ ଅଦ୍ୟାବଧି ହାତୀ ଆକ୍ରମଣରେ ୧୫ଜଣଙ୍କ ମୃତ୍ୟୁ ଘଟିଲାଣି। କେବଳ ବନ୍ତଳା ବନାଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି। ଏହାକୁ ନେଇ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଜିଲାରେ ହାତୀ ଆକ୍ରମଣଜନିତ ମୃତ୍ୟୁ ବଢୁଥିବାବେଳେ ବନ ବିଭାଗ ଉପରେ ବର୍ଷିଛନ୍ତି ପୂର୍ବତନ ରାଜ୍ୟ ସଭା ସଦସ୍ୟ ରୁଦ୍ରନାରାୟଣ ପାଣି। ସେ କହିଛନ୍ତି, ହାତୀ-ମଣିଷ ଲଢ଼େଇରେ ବହୁମୂଲ୍ୟ ଜୀବନ ଯାଉଛି। ହାତୀ ଦାଉରୁ ଲୋକଙ୍କୁ ରକ୍ଷା କରିବାରେ ବନ ବିଭାଗ ବିଫଳ ହେଉଛି। କର୍ମଚାରୀମାନେ ଠିକ୍ ଭାବେ ଦାୟିତ୍ୱ ତୁଲାଉନାହାନ୍ତି। ତେଣୁ ସେମାନଙ୍କୁ ଅନ୍ୟତ୍ର ବଦଳି କରି ଅଧିକ ସଂଖ୍ୟକ ହାତୀ ସ୍କ୍ୱାଡ୍ ନିୟୋଜିତ କରିବାକୁ ସେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବନ୍ତଳା ବନାଞ୍ଚଳ ଅଧିକାରୀ ସାହୁ କୁହନ୍ତି, ବାରମ୍ବାର ସଚେତନ କରାଗଲେ ମଧ ଲୋକମାନେ ଅମାନିଆ ହୋଇ ଭୋର ସମୟରେ ଆମ୍ବ ଗୋଟାଇବାକୁ ଯାଉଛନ୍ତି। ଫଳରେ ଏଭଳି ଘଟଣା ଘଟୁଛି।



ଶାଗୁଆନ ଜଙ୍ଗଲରେ ନିଆଁ ଲାଗିଛି।

# ଜଳୁଛି ଶାଗୁଆନ ଜଙ୍ଗଲ

**ବଇଣ୍ଡା, ୭।୫(ଡି.ଏନ.ଏ)**

ଅନୁଗୋଳ ଜିଲା ହଣ୍ଡପା ରେଞ୍ଜ ନୁନୁକାପଶି ଗ୍ରାମରେ ଥିବା ଶାଗୁଆନ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଆଖପାଖ ଅଞ୍ଚଳକୁ ମାଡ଼ି ଚାଲିଥିବାବେଳେ ଜଙ୍ଗଲତଳି ଅଞ୍ଚଳରେ ରହୁଥିବା ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି।

ଉକ୍ତ ଜଙ୍ଗଲରେ ୧୯୮୮ରେ ରାଜ୍ୟ ସରକାରଙ୍କ ପକ୍ଷରୁ ୯ ହଜାର ୬୫୪ ଶାଗୁଆନ, ଶାଳ ଭଳି ଅନେକ ଗଛ ଲଗାଯାଇଥିଲା। ୩୫ ବର୍ଷ ମଧ୍ୟରେ ଗଛଗୁଡ଼ିକ ବଡ଼ ହୋଇସାରିଛି। ଏବେ ବନାଗ୍ନି କାରଣରୁ ମୂଲ୍ୟବାନ ବୃକ୍ଷ ପାଇଁ ବିପଦ ସୃଷ୍ଟି ହୋଇଛି। ଅନ୍ୟପଟେ ଉକ୍ତ ମୂଲ୍ୟବାନ ଶାଗୁଆନ୍ ଜଙ୍ଗଲ ଉପରେ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି। କାଠଚୋରମାନେ ବିଭିନ୍ନ ଉପାୟରେ ଗଛ କାଟି ବାହାରକୁ ଚାଲାଣ କରୁଛନ୍ତି। ଏଥିପ୍ରତି ବନ ବିଭାଗ ଆଖି ବୁଜି ଦେଇଥିବାବେଳେ ଜଙ୍ଗଲ ଧ୍ୱଂସ ପାଇବାକୁ ବସିଲାଣି। ନିଆଁ ଲିଭାଇବା ଏବଂ ଜଙ୍ଗଲକୁ ସୁରକ୍ଷା ଦେବା ବ୍ୟବସ୍ଥା କରିବା ଲାଗି ବିହିତ ବ୍ୟବସ୍ଥା କରିବା ଲାଗି ବଇଣ୍ଡା ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ହଣ୍ଡପା ରେଞ୍ଜ ଦାୟିତ୍ୱରେ ଥିବା ବାମୁର ରେଞ୍ଜର ଏସ୍. ମିଶ୍ରଙ୍କ ପ୍ରତିକ୍ରିୟା ନେବାକୁ ଉଦ୍ୟମ କରାଯାଇଥିଲା। ହେଲେ ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

# ପୃଥକ୍ ଦୁର୍ଘଟଣା: ୨ ମୃତ

**ଅନୁଗୋଳ ଅଫିସ/ମାଧପୁର, ୭।୫**

ଅନୁଗୋଳ ଜିଲାର ପୃଥକ୍ ସ୍ଥାନରେ ରବିବାର ଦୁର୍ଘଟଣା ଘଟି ୨ ଜୀବନ ଯାଇଛି। ମୃତକ ହେଲେ ଆଙ୍କୁଲା ଗ୍ରାମର ଶକ୍ତିକାନ୍ତ ବିଶ୍ୱାଳ ଏବଂ କୁଦଗାଁ ପଞ୍ଚାୟତର ମିଳନ ନାଏକ (୨୫)।

ପୋଲିସ ସୂଚନା ଅନୁଯାୟୀ, ଆଙ୍କୁଲା ଗ୍ରାମର କାର୍ତ୍ତିକ ବିଶ୍ୱାଳଙ୍କ ପୁଅ ଶକ୍ତିକାନ୍ତ ଏବଂ ତୁରଙ୍ଗ ଗ୍ରାମ ଉପରସାହିର ତପନ ମହାନ୍ତିଙ୍କ ପୁଅ ଅର୍ଜୁନ ମହାନ୍ତି ବାଇକ୍ (ନଂ. ଓଆର୍ ୧୯ ଏନ ୮୩୦୨)ରେ ଦ୍ରୁତଗତିରେ ଆସୁଥିବାବେଳେ ବଁଉରପାଳ ଥାନା ଅନ୍ତର୍ଗତ ବଉଳିଗଡ଼ ପଞ୍ଚାୟତ ପୁରିକିଆ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ବାଇକ୍‌ର ଗତି ଏତେ ଦ୍ରୁତ ଥିଲା ଯେ, ଦୁର୍ଘଟଣା ପରେ ଗାଡ଼ିଟି ଘୋଷାଡ଼ି ହୋଇ ୨୦ ଫୁଟ ଦୂର ବିଲରେ ଛିଟିକି ପଡ଼ିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ଶକ୍ତିକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଦୁର୍ଘଟଣାସ୍ଥଳରେ ସ୍ପିଡ୍ ବ୍ରେକର ଲଗାଇବା ଓ ମୃତକ ପରିବାର ଲୋକଙ୍କୁ କ୍ଷତିପୂରଣ ଦାବିରେ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ଅନୁରୂପ ଭାବେ ଆଠମଲ୍ଲିକ ବ୍ଲକ ମାଧପୁର-ମନଜୋର୍ ରାସ୍ତାର ଗରିପକା ନାଳଠାରେ ଏକ ବାଇକ୍ (ନଂ. ଓଡ଼ି ୧୯ ଜେ ୭୨୬୯) ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ କୁଦଗାଁ ପଞ୍ଚାୟତର ମିଳନଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଲିଙ୍ଗରାଜ ନାଏକ (୧୭) ଗୁରୁତର ହୋଇଛନ୍ତି। ଉଭୟେ ମାଧପୁରରୁ ମନ୍‌ଜୋର ଅଭିମୁଖେ ଯାଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଲିଙ୍ଗରାଜଙ୍କୁ ପ୍ରଥମେ ମାଧପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଆଠମଲ୍ଲିକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଏ ନେଇ ନଂ. ୧୦୧/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ନୀରୋଦ କୁମାର ଦାସ ସୂଚନା ଦେଇଛନ୍ତି।



ପୁରିକିଆ ନିକଟ ଦୁର୍ଘଟଣାସ୍ଥଳରେ ଲୋକଙ୍କ ଗହଳି ଜମିଛି।



ଅନୁଗୋଳ ସହରରେ ରବିବାର ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏକ ପରିବାର ରିକ୍ସାରେ ଯାଉଛନ୍ତି। ଫଟୋ- (ବୁବୁ)

# ମିଲେଟ ଶକ୍ତି ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ

**ଅନୁଗୋଳ ଅଫିସ, ୭।୫**



ଅନୁଗୋଳ ସହର କାଞ୍ଚନ ବଜାରରେ ରବିବାର ମିଲେଟ୍ ଶକ୍ତି ବିକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଯୋଗଦେଇ ଏହାର ଲୋକାର୍ପଣ କରିଥିଲେ। ମିଲେଟ୍ ମିଶନ ଏବଂ ମିଶନ ଶକ୍ତିର ମିଳିତ ସହଯୋଗରେ ଅନୁଗୋଳ ବ୍ଲକ ଲେବଲ ଫେଡେରେଶନ ଦ୍ୱାରା ଏହା ପରିଚାଳିତ ହେବ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ସିଡିଏମ୍‌ଓ ମଳୟ ପରିଡା, ଡିପିସି ମିଶନ ଶକ୍ତି ବସନ୍ତ ମଲିକ, ଡିପିସି ମିଲେଟ ମିଶନ ଅମୂଲ୍ୟ କୁମାର ଚୌଧୁରୀ, କୃଷି ବିଭାଗ, ମିଶନ ଶକ୍ତିର ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଏସ୍‌ଏଚ୍‌ଜି ସଦସ୍ୟା ଉପସ୍ଥିତ ଥିଲେ।

# ଶରଧାପୁରରେ ହେବ ସ୍ୱାସ୍ଥ୍ୟ ଶିବିର

**କଣିହାଁ/ପବିତ୍ରନଗର, ୭।୫(ଡି.ଏନ୍.ଏ.)**

ପବିତ୍ରମୋହନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ପିଏମ୍‌ଆଇଟି)ର ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ, ବିଏଚ୍‌ପିର ରାଜ୍ୟ ସାଧାରଣ ସମ୍ପାଦକ ପଣ୍ଡିତ ମହେଶ ସାହୁ, ଭାଜପା ନେତା ଅଶୋକ ମହାନ୍ତି ରବିବାର କଣିହାଁ ବ୍ଲକ ଶରଧାପୁର ଗ୍ରାମ ପରିଦର୍ଶନରେ ଯାଇ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ଖୁବ୍‌ଶୀଘ୍ର ଗ୍ରାମରେ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯିବ ବୋଲି ପିଏମ୍‌ଆଇଟି ଅଧ୍ୟକ୍ଷା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଅତିଥିଗଣ ମା' କନକେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ଏଥିପୂର୍ବରୁ ପବିତ୍ରନଗର ଛକରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ମଣ୍ଡଳ ସଭାପତି ପ୍ରହ୍ଲାଦ ସାମଲଙ୍କ ନେତୃତ୍ୱରେ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶରଧାପୁର ସରପଞ୍ଚ ଦୁଃଖବନ୍ଧୁ ବେହେରା, ଗ୍ରାମ ସଭାପତି ରବି ମହାନ୍ତି, କୈଳାସ ମହାନ୍ତି, ପ୍ରସନ୍ନ ମହାନ୍ତି, ସନ୍ତୋଷ ମହାନ୍ତି, ପ୍ରଭାକର ମହାନ୍ତି, ସୁଜିତ୍ ବାରିକ, ବିନୋଦ ମହାନ୍ତି, ବୀରୁ ସରପଞ୍ଚ ଧରଣୀଧର ବେହେରା, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲ, ରମେଶ ପ୍ରଧାନ, କପିଳେଶ୍ୱର ପ୍ରଧାନ, ପ୍ରସନ୍ନ ପ୍ରଧାନ, ପ୍ରସନ୍ନ ସାହୁ, ବୁଲୁ ସାହୁ, ସୁମନ୍ତ ପ୍ରଧାନ, ପରମାନନ୍ଦ ସାହୁ, ରଞ୍ଜନ ସାମଲ, ମନୋଜ ସାହୁ, ସୁନୀଲ ପ୍ରଧାନ, ରମେଶ ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



କନକେଶ୍ୱରୀଙ୍କ ମନ୍ଦିର ପରିସରରେ ଉପସ୍ଥିତ ପିଏମ୍‌ଆଇଟିର ଅଧ୍ୟକ୍ଷାଙ୍କ ସମେତ ଅନ୍ୟମାନେ।

# 'ମହାତ୍ମା ସହସ୍ରାବ୍ଦୀର ଶ୍ରେଷ୍ଠ ମଣିଷ'

**ଅନୁଗୋଳ ଅଫିସ, ୭।୫**

ଅନୁଗୋଳ ସହର ଶିମିଳିପଡ଼ାସ୍ଥିତ ଗାନ୍ଧୀ ସ୍ମାରକୀ ପୀଠ ନିକଟ ଦୁର୍ଗାମଣ୍ଡପ ପରିସରରେ ମହାତ୍ମା ଗାନ୍ଧୀଙ୍କ ଅନୁଗୋଳ ଆଗମନର ୮୯ତମ ବର୍ଷ ପୂର୍ତ୍ତି ଦିବସ ପାଳିତ ହୋଇଯାଇଛି। ମହାତ୍ମା ଥିଲେ ସହସ୍ରାବ୍ଦୀର ଶ୍ରେଷ୍ଠ ମଣିଷ। ସମାଜରେ ଶୋଷଣ, ଅତ୍ୟାଚାର, ବର୍ଣ୍ଣବୈଷମ୍ୟ ଥିବା ଯାଏ ସେ ମନେପଡ଼ିବେ। କାରଣ ଗାନ୍ଧୀ ତାଙ୍କ ଜୀବନବ୍ୟାପୀ ସାଧନା ଦ୍ୱାରା ଏଭଳି ଅସମାନତା ଦୂର କରିବା ପାଇଁ ଉଦ୍ୟମ କରିଥିଲେ ବୋଲି ମତପ୍ରକାଶ ପାଇଥିଲା।

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ବାଜି ରାଉତ ଛାତ୍ରାବାସ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅନୁଗୋଳ ଶାଖା ସଭାପତି ଆଇନଜୀବୀ ଶରତ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି ମାଲ୍ୟାର୍ପଣ କରିଥିଲେ। ବାଜି ରାଉତ ଛାତ୍ରାବାସର ଅନ୍ତେବାସୀମାନେ ରାମଧୁନ, ଗୀତା ପାଠ, ବିଶ୍ୱଶାନ୍ତି ପାଠ କରିବା ସହ ସୂତ୍ରଯଜ୍ଞରେ ଅଂଶଗ୍ରହଣ କରିଥିଲେ। ବକ୍ତା ଭାବେ ବାଜି ରାଉତ ଛାତ୍ରାବାସ ସମ୍ପାଦକ ଇଂ. ଧନେଶ୍ୱର ସାହୁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରସନ୍ନ ଦାସ, ପୂଜ୍ୟପୂଜା ସଂସଦ ସଭାପତି ଗୋପାଳ ଚନ୍ଦ୍ର ନାଥ, ସାମାଜିକ କର୍ମୀ ଅଜୟ ସାହୁ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ସ୍ମୃତିଚାରଣ କରିଥିଲେ। ସୂର୍ଯ୍ୟନାରାୟଣ ନାଥ ସଭା କାର୍ଯ୍ୟ ସଂଯୋଜନା କରିଥିବାବେଳେ ଆଦ୍ୟଶ୍ଳୋକ ମିଶ୍ର, ସରସ୍ୱତୀ ସ୍ୱାଇଁ, କୈଳାସ ଚନ୍ଦ୍ର ସାହୁ, ରଞ୍ଜିତ ଦେହୁରୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

ସୂଚନାଯୋଗ୍ୟ, ୧୯୩୪ ମେ' ୬ରେ ଝାରସୁଗୁଡ଼ାରୁ ପୁରୀ ଯିବା ବେଳେ ଗାନ୍ଧିଜୀ ଅନୁଗୋଳରେ ୬ ଘଣ୍ଟା ବିତାଇଥିଲେ। ଏହି ଅବସରରେ ସେ ୨୦ ହଜାର ଜନତାଙ୍କୁ ସ୍ୱାଧୀନତା ମନ୍ତ୍ରରେ ଉଦ୍‌ବୁଦ୍ଧ କରାଇଥିଲେ।



ସ୍ମୃତିସଭାରେ ଉପସ୍ଥିତ ଅତିଥିଙ୍କ ସମେତ ଅନ୍ୟମାନେ।

## ସଂକ୍ଷେପରେ

### ବନ୍ଦଘରୁ ମୃତଦେହ ଜବତ

ଯୋଡ଼ା,୭।୫(ଡି.ଏନ.ଏ.): ଯୋଡ଼ା ଥାନା କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟ ଏକ ଭଡ଼ା ଘରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ଅଞ୍ଚଳର ମୁକ୍ତାରାମ ବାହାଦୁରଙ୍କ ପୁଅ କ୍ରିଷ୍ଣା ବାହାଦୁର (୪୫)। ପାରିବାରିକ କଳହରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ କହିଛି, କ୍ରିଷ୍ଣା ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଏକ ଭଡ଼ାଘରେ ସ୍ତ୍ରୀ ଗୀତାଙ୍କ ସହ ରହି ଟ୍ରକ୍ ଇଞ୍ଜିନ ମିସ୍ତ୍ରିଭାବେ କାର୍ଯ୍ୟ କରୁଥିଲେ। ଶନିବାର ରାତିରେ ଘରକୁ ଫେରି ଏକ ବାହାଘରକୁ ଯିବା ପାଇଁ ସ୍ତ୍ରୀଙ୍କୁ କହିଥିଲେ। ସ୍ତ୍ରୀ ରାଜି ନ ହେବାରୁ ଦୁହିଁଙ୍କ ମଧ୍ୟରେ କଳହ ହୋଇଥିଲା। କ୍ରିଷ୍ଣା ଉତ୍ତ୍ୟକ୍ତ ହୋଇ ଗୀତାଙ୍କୁ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ପଡ଼ୋଶୀ ଆସି ଗୀତାଙ୍କୁ ନେଇଯାଇଥିଲେ। ସ୍ତ୍ରୀ ଗଲା ପରେ କ୍ରିଷ୍ଣା ଭିତରପଟୁ କବାଟ ବନ୍ଦ କରି ପଙ୍ଖାରେ ଝୁଲିପଡ଼ିଥିଲେ। ରବିବାର ସକାଳୁ ସ୍ତ୍ରୀ ଫେରିବା ପରେ ଘଟଣା ଜଣାପଡ଼ିଥିଲା। ସୂଚନା ପାଇ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ତଦନ୍ତ ଜାରି ରଖିଛି।

# କଳାକୃତି ଗ୍ରାମରେ ହେବ ୱାଟରପାର୍କ

ଢେଙ୍କାନାଳ ଅଫିସ, ୭।୫

ଢେଙ୍କାନାଳ ଜିଲା ପର୍ଯ୍ୟଟନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୫୦ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ଏଥିଲାଗି ତତ୍ପରତା ପ୍ରକାଶ ପାଇଛି। ବିଶେଷକରି କଳାକୃତି ଗ୍ରାମ ସଦେଇବେରେଣୀ–ନବଜୀବନପୁରକୁ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଏଠାରେ ଖୁବ୍‌ଶୀଘ୍ର ଏକ ୱାଟରପାର୍କ ନିର୍ମାଣ କରାଯିବ। ଏଥିସହ ପର୍ଯ୍ୟଟକଙ୍କ ପାଇଁ ହର୍ସ ରାଇଡିଂ, ବୋଟିଂ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଢେଙ୍କାନାଳ ସଦର ବ୍ଲକର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ସପ୍ତଶଯ୍ୟା ନିକଟରେ ରହିଛି ଡୋକ୍ରା ହସ୍ତଶିଳ୍ପୀଙ୍କ ଗାଁ ସଦେଇବେରେଣୀ–ନବଜୀବନପୁର। ଡୋକ୍ରା କାରିଗରି ପାଇଁ ପ୍ରସିଦ୍ଧ ଏହି ଗ୍ରାମର ଶିଳ୍ପୀଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲାଗି ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି। ଏଥିଲାଗି ଜିଲା ପ୍ରଶାସନ ସହାୟତାରେ ଏଠାରେ ୬ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯାଇଛି କଳାକୃତି ଗ୍ରାମ। ଏହାକୁ ଅଧିକ ଆକର୍ଷଣୀୟ କରି ପର୍ଯ୍ୟଟନ ଅନୁକୂଳ ବାତାବରଣ ସୃଷ୍ଟି କରିବା ଲାଗି ପ୍ରଶାସନ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି କ୍ରମରେ କଳାକୃତି ଗ୍ରାମରେ ଏକ ୱାଟରପାର୍କ ନିର୍ମାଣ କରାଯିବ। ପୁରୀରେ ଥିବା ୱାଟରପାର୍କ ଭଳି ଏଠାରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଗ୍ରୀଷ୍ମ ଅବକାଶ ଏବଂ ପର୍ଯ୍ୟଟନ ଋତୁରେ ସପ୍ତଶଯ୍ୟାକୁ ବୁଲି ଆସୁଥିବା ଯାତ୍ରୀମାନେ ଏଠାକୁ ଆସି ଏହାର ମଜା ନେଇପାରିବେ ବୋଲି ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି। କେବଳ ଏତିକି ନୁହେଁ, ନିକଟ ଭବିଷ୍ୟତରେ ଏଠାରେ ହର୍ସ ରାଇଡିଂ ବ୍ୟବସ୍ଥା କରାଯିବ। ଶିକ୍ଷାନୁଷ୍ଠାନର ଏନ୍‌ସିସି କ୍ୟାଡେଟ୍, ସେନାରେ ଯୋଗଦେବା ଲାଗି ପ୍ରସ୍ତୁତ ହେଉଥିବା ଆଶାୟୀଙ୍କୁ ଘୋଡ଼ା ଦୌଡ଼ ତାଲିମ ଦିଆଯିବ। ପର୍ଯ୍ୟଟକମାନେ ମଧ୍ୟ ଏହାର ଲାଭ ଉଠାଇପାରିବେ। ଏଥିଲାଗି ଖୁବ୍‌ଶୀଘ୍ର ଘୋଡ଼ା ଏବଂ ପ୍ରଶିକ୍ଷକ ଆଣିବା ବ୍ୟବସ୍ଥା କରାଯାଉଥିବା ଜଣାପଡ଼ିଛି। କଳାକୃତି ଗ୍ରାମ ପରିସରରେ ବୋଟିଂ ସୁବିଧା ମଧ୍ୟ କରାଯିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି।



କଳାକୃତି ଗ୍ରାମ।

### ହର୍ସ ରାଇଡିଂ, ବୋଟିଂର ମଜାନେବେ ପର୍ଯ୍ୟଟକ

ସୂଚନାଯୋଗ୍ୟ, ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ କଳାକୃତି ଗ୍ରାମ ଅବହେଳିତ ଅବସ୍ଥାରେ ପଡ଼ିରହିଥିଲା। ଏହାକୁ ନେଇ ଅସନ୍ତୋଷ ବଢ଼ିବା ପରେ ପ୍ରଶାସନ ଏହାର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନେଇଛି। ଏଠାରେ ଡୋକ୍ରା କାରିଗର, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ହସ୍ତଶିଳ୍ପ ପ୍ରଦର୍ଶନ ବ୍ୟବସ୍ଥା କରାଯାଇଛି। ଏଠାରେ ଥିବା ଅତ୍ୟାଧୁନିକ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ସରକାରୀ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଭଳି ଅଭିନବ ପଦକ୍ଷେପ ଦ୍ୱାରା କଳାକୃତି ଗ୍ରାମ ପ୍ରତି ପର୍ଯ୍ୟଟକ ଆକୃଷ୍ଟ ହେଉଛନ୍ତି।

### ବାଇକ୍ ଚୋରି ଘଟଣାରେ ୩ ଗିରଫ

ଚମ୍ପୁଆ,୭।୫(ଡି.ଏନ୍.ଏ)

କେନ୍ଦୁଝର ଜିଲା ଚମ୍ପୁଆ ପୋଲିସ ଏକ ବାଇକ୍ ଚୋରି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଅରୁଣ ଦାସ, ଅନୀଲ ଚୌଧୁରୀ ଓ ସ୍ୱାଗତ ଶେଖର ପାତ୍ର। ପୋଲିସ ଚୋରି ବାଇକ ମଧ୍ୟ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଝାଡ଼ଖଣ୍ଡ ରାଜ୍ୟ ଟଣ୍ଟ ଥାନା ଅଧୀନ ଶଗଡ଼ପଟା ଗ୍ରାମର ପଙ୍କଜ ମହାନ୍ତ, ଚମ୍ପୁଆ ଥାନା ଶଙ୍କରପୁର ନିଜ ଭଉଣୀ ଘରକୁ ଗତ ୩୦ ତାରିଖରେ ଆସିଥିଲେ। ପଙ୍କଜ ବ୍ୟବହାର କରୁଥିବା ହିରୋ ଏଚ୍‌ଏଫ ଡିଲକ୍ସ ଗାଡ଼ିକୁ ଭଉଣୀ ଘର ବାରଣ୍ଡାରେ ରଖି ଶୋଇଥିବା ବେଳେ ଗାଡିଟି ଚୋରି ହୋଇଯାଇଥିଲା। ଏ ନେଇ ପଙ୍କଜ ରିମୁଳି ଫାଣ୍ଡିରେ ଗତ ୧ ତାରିଖରେ ଅଭିଯୋଗ କରିଥିଲେ। ଶନିବାର ପଙ୍କଜ ଅଶନପାଟରୁ ଚମ୍ପୁଆକୁ ଆସୁଥିବା ବେଳେ ଉର୍ତ୍ତି ଛକଠାରେ ଉକ୍ତ ଗାଡିଟିକୁ ଅନ୍ୟ ଜଣେ ଚଲାଉଥିବା ଦେଖି ପିଛା କରିଥିଲେ। କରଞ୍ଜିଆ ରାଇଗୁଡ଼ି ଅଞ୍ଚଳରେ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଗାଡ଼ି ଜବତ କରିବା ସହିତ (ନଂ.୫୯/୨୩) ମାଲା ରୁଜୁ କରି ସମସ୍ତଙ୍କୁ କୋର୍ଟଚାଲାଣ କରିଛି।



ସଚେତନତା ସଭାରେ ଚାଷୀ ଓ ଚାଷୀନେତା।

# ଚାଷୀ ସର୍ବଦା ଅବହେଳିତ

ଢେଙ୍କାନାଳ ଅଫିସ, ୭।୫

### ଓଡ଼ିଶା ନବନିର୍ମାଣ କୃଷକ ସଙ୍ଗଠନର ସଚେତନତା ସଭା

ଢେଙ୍କାନାଳ ଅମଲାପଡ଼ାସ୍ଥିତ ଶିବମନ୍ଦିର ନିକଟରେ ଓଡ଼ିଶା ନବନିର୍ମାଣ କୃଷକ ସଙ୍ଗଠନର ଏକ ସଚେତନତା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଚାଷୀନେତା ଅକ୍ଷୟ କୁମାର ଯୋଗଦେଇ କହିଲେ, ରାଜ୍ୟରେ ଚାଷୀ ସର୍ବଦା ଅବହେଳିତ। ବିଜେଡି, ଭାଜପା ଓ କଂଗ୍ରେସ ଭଳି ରାଜନୈତିକ ଦଳ ବର୍ଷ ବର୍ଷ ଧରି ଚାଷୀଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି। ତେବେ ଆଗାମୀ ଦିନରେ ସରକାରଙ୍କ ଡୋରି ଦେଶର ୭୦ ଭାଗ ଚାଷୀଙ୍କ ହାତରେ ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପୂର୍ବତନ ବିଧାୟକ ନବୀନ ନନ୍ଦ କହିଲେ, ଚାଷୀ ଓ ଚାଷର ଉନ୍ନତି ପାଇଁ ରାଜ୍ୟରେ ନୂତନ ରାଜନୈତିକ ଦଳ ବିଆରଏସ୍ ଆତ୍ମପ୍ରକାଶ କରିବ। କାର୍ଯ୍ୟକ୍ରମରେ ଶେଷଦେବ ନନ୍ଦ, କୈଳାସ ନାୟକ, ରଣଜିତ ପଟ୍ଟନାୟକ, ମାନସ ରଞ୍ଜନ ସାହୁ, ଅଭୟ ବେହେରା, ଡ. ରଜନୀକାନ୍ତ ତରାଇ, ପୂର୍ବତନ ଜିଲା ପରିଷଦ ସଭାନେତ୍ରୀ ରେବତୀ ବେହେରା, ଅଶ୍ୱିନୀ କୁମାର, ଆଇନଜୀବୀ ଶେଷାନନ୍ଦ ନନ୍ଦ, କ୍ଷୀରୋଦ ରାଉତ, ଅଶ୍ୱିନୀ ମହାନ୍ତି, କାହ୍ନୁଚରଣ ସାହୁ, ଶାନ୍ତିସ୍ୱରୂପ ଜେନାଙ୍କ ସମେତ ବହୁ ଚାଷୀ ଓ ଚାଷୀନେତା ଯୋଗଦେଇଥିଲେ। ଏଥିପୂର୍ବରୁ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ଜନଜାଗରଣ ଯାତ୍ରା ଢେଙ୍କାନାଳରେ ପହଞ୍ଚିବା ପରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଢେଙ୍କାନାଳ କୃଷକ ଅଧିକାର ସମିତି ପକ୍ଷରୁ ପୂର୍ବତନ ସମିତିସଭ୍ୟ ମାନସ ବାଘ ଚାଷୀ ନେତା ଅକ୍ଷୟ କୁମାରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ଅବସରରେ ଶତାଧିକ ସରକାର ପରିବର୍ତ୍ତନ ପାଇଁ ଶପଥପାଠ କରିଥିଲେ।

# ପରିକ୍ରମାରେ ବାହାରିଲା ମହିମା ଜ୍ୟୋତି

ଢେଙ୍କାନାଳ ଅଫିସ, ୭।୫

ମହିମା ଗୋସାଇଁଙ୍କ ମହାନ୍ ବାର୍ତ୍ତା ଏବଂ ମହିମା ଧର୍ମର ନିଗୂଢ଼ ରହସ୍ୟକୁ ଜନମାନସରେ ପ୍ରଚାର କରାଇବା ଉଦ୍ଦେଶ୍ୟରେ ରବିବାରଠାରୁ ଆରମ୍ଭ ହୋଇଛି ୧୦ମ ବାର୍ଷିକ ମହିମା ଜ୍ୟୋତିଯାତ୍ରା। ମହିମାଗାଦି ପରିସରରୁ ଏକ ସୁସଜ୍ଜିତ ଗାଡ଼ିରେ ବାହାରିଥିବା ବ୍ରହ୍ମଜ୍ୟୋତି ଦୁଇଦିନ ଧରି ଢେଙ୍କାନାଳ ଓ ଅନୁଗୋଳ ଜିଲାର ବିଭିନ୍ନ ସ୍ଥାନ ପରିକ୍ରମା କରିବା କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି।

ମହାନିତ୍ୟ ସାଧୁଭକ୍ତ ମଣ୍ଡଳୀ, ମହିମା ସାଧୁସନ୍ଥଙ୍କ ଗହଣରେ ବ୍ରହ୍ମଜ୍ୟୋତି ମହିମାଗାଦିରୁ ବାହାରି ପ୍ରଥମେ କାଇମାଟିଠାରେ ପହଞ୍ଚିଥିଲା। ସେଠାରେ ବ୍ରହ୍ମଜ୍ୟୋତିକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହାପରେ ଜ୍ୟୋତିଯାତ୍ରା କୁକୁଡ଼ାଝର–କଳାପାଣି ଦେଇ ତରଭା ଶୁଣ୍ଡିଡ଼ିପିରେ ପହଞ୍ଚିବା ପରେ ମହିମାସ୍ୱାମୀ ପଦାର୍ପଣ କରିଥିବା କୋଚିଲା ବୃକ୍ଷମୂଳରେ ଥିବା ଆସ୍ଥାନରେ ଜ୍ୟୋତିକୁ ସଂସ୍ଥାପନ କରାଯାଇଥିଲା। ଅଲେଖ ମହିମା ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ, ମହିମା ଧର୍ମ ସମ୍ପର୍କରେ ସଚେତନତା ସୃଷ୍ଟି କରିବାରେ ଏହି ଜ୍ୟୋତିଯାତ୍ରା ସହାୟକ ହୋଇପାରିଛି। ଜଗତକଲ୍ୟାଣ ଏହି ଧର୍ମର ଏକମାତ୍ର ଉଦ୍ଦେଶ୍ୟ ବୋଲି ସେ ମତବ୍ୟକ୍ତ କହିଥିଲେ। ମହାନିତ୍ୟ ସାଧୁ ମଣ୍ଡଳୀର ସଭ୍ୟ ଶିକ୍ଷାବିତ୍ ବିଭୂତି ଭୂଷଣ ବିଶ୍ୱାଳ କହିଲେ, ଅବହେଳିତ, ଦଳିତ ବର୍ଗର ଲୋକଙ୍କ ଦ୍ୱାରା ମହିମା ଧର୍ମର ନୀତି ଆଦୃତ ହୋଇପାରିଛି। ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ କହିଲେ, ୧୮୬୨ରୁ ୧୮୭୪ ପର୍ଯ୍ୟନ୍ତ ମହିମାସ୍ୱାମୀ ଯେଉଁ ସବୁ ଅଞ୍ଚଳ ପରିକ୍ରମା କରିଥିଲେ, ସେସବୁକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ଜ୍ୟୋତିଯାତ୍ରାର ଆୟୋଜନ କରାଯାଇଛି। ତରଭା ଗ୍ରାମର ଭକ୍ତ ବିରଞ୍ଚି ନାରାୟଣ ବେହେରା ସ୍ୱାଗତ ଭାଷଣ ଏବଂ ଜ୍ୟୋତିଯାତ୍ରା ଆବାହକ ପ୍ରଶାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଶନିବାର ଅପରାହ୍ନରେ ମହିମା ଧର୍ମର ଆଦିପୀଠ ତପୋବନରୁ ବ୍ରହ୍ମଜ୍ୟୋତିଙ୍କୁ ଜାଗ୍ରତ କରାଯାଇଥିଲା। ଶୋଭାଯାତ୍ରା କାଦୁଆ, ହରେକୃଷ୍ଣପୁର ପରିକ୍ରମା କରିବା ପରେ ମହିମାଗାଦିରେ ରାତ୍ରିଯାପନ କରିଥିଲା।


ତରଭା ଗ୍ରାମରେ ମହିମା ଜ୍ୟୋତିକୁ ପୂଜାର୍ଚ୍ଚନା କରାଯାଉଛି।

# ଏଏପିକୁ ସୁଦୃଢ଼ କରିବାକୁ ସଂକଳ୍ପ


ସମ୍ମିଳନୀରେ ଏଏପି କର୍ମୀମାନେ।

ବଇଣ୍ଡା,୭।୫(ଡି.ଏନ.ଏ)

କିଶୋରନଗର ବ୍ଲକ ଠେଲକନାଳୀ ପଞ୍ଚାୟତ ବିଶିପାଲି ଆମ୍ବତୋଟାରେ ରବିବାର ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ରମେଶ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲା ଉପସଭାପତି ପ୍ରସାଦ ବେହେରା, ଲୋକନାଥ ପ୍ରଧାନ, ପ୍ରଦୀପ ବାଘ, ପୂର୍ଣ୍ଣଚନ୍ଦ୍ର ବାଘ, ରଞ୍ଜିତ ପ୍ରଧାନ, ପ୍ରଦୀପ ପ୍ରଧାନ, ସୁଶାନ୍ତ ବେହେରା, କର୍ଣ୍ଣ ନାଏକଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ। ୨୦୨୪ ନିର୍ବାଚନ ପୂର୍ବରୁ ଦଳକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା, ଲୋକଙ୍କ ସମସ୍ୟାର ସମାଧାନ ଲାଗି ତତ୍ପର ହେବା ଏବଂ ସମସ୍ତେ ଏକଜୁଟ୍ ହୋଇ କାମ କରିବା ପାଇଁ ସଂକଳ୍ପ ନିଆଯାଇଛି।

# କୃଷକଙ୍କ ବିକାଶରେ ରାଜ୍ୟର ବିକାଶ

ବଇଣ୍ଡା, ୭।୫(ଡି.ଏନ.ଏ.)

ଚାଷୀଙ୍କ ବିକାଶ ଲାଗି ରାଜ୍ୟ ସରକାର ତତ୍ପର। କୃଷକ ଏବଂ କୃଷିକ୍ଷେତ୍ରର ବିକାଶ ହେଲେ ରାଜ୍ୟର ସାମଗ୍ରିକ ଉନ୍ନତି ହୋଇପାରିବ ବୋଲି କିଶୋରନଗର ବ୍ଲକ ବାମୁରଠାରେ ରବିବାର ଅନୁଷ୍ଠିତ ଆଞ୍ଚଳିକ ଚଷା ସମାଜ (ବାମୁରପୁଞ୍ଜି)ର ବାର୍ଷିକ ସମ୍ମିଳନୀରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହେଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନ୍ୟତମ ଅତିଥି ଭାବେ ବାମୁର ସରପଞ୍ଚ ସଞ୍ଜୀବ ପ୍ରଧାନ, ବାମୁର ସେବା ସମବାୟ ସଭାପତି ଦୀପକ ପ୍ରଧାନ, ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଚଷା ଯୁବମଞ୍ଚ ସଭାପତି ବାସୁଦେବ ବେହେରା, କୃଷି ଅଧିକାରୀ ବସନ୍ତ ବେହେରା ପ୍ରମୁଖ ଯୋଗଦେଇଥିଲେ। କୃଷିକ୍ଷେତ୍ରରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ବାମୁରଠାରେ ବଲାଙ୍ଗୀର ଇଣ୍ଟରସିଟି ରହଣି ପାଇଁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବବ୍ରୁବାହନ ପ୍ରଧାନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।


ସମ୍ମିଳନୀରେ ମଞ୍ଚାସୀନ ଅତିଥିମାନେ।

# କ୍ରୀଡ଼ା ସମ୍ପର୍କରେ ଆଲୋଚନା

ଅନୁଗୋଳ ଅଫିସ,୭।୫

ଅନୁଗୋଳ ଜିଲା ଖଲାରୀ ଗ୍ରାମର ରାମେଶ୍ୱର ୟୁଥ କ୍ଲବ୍ ପକ୍ଷରୁ ବିଶ୍ୱ ଆଥ୍‌ଲେଟିକ୍ସ ଦିବସ ରବିବାର ବାଜି ରାଉତ ଛାତ୍ରାବାସ ଅନ୍ତର୍ଗତ କଳାଭବନ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟସ୍ତରୀୟ କ୍ରୀଡ଼ାବିତ୍ ନୀଳମଣି ଦାସ ଯୋଗଦେଇ କ୍ରୀଡ଼ା ଏବଂ ଏହାର ଉପକାରିତା ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅଜୟ ଭାଇ, ଲିପିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ତରଫରୁ ମୁଖ୍ୟ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଶୁଭ୍ରାଂଶୁ ଶେଖର ସାହୁ ଧନ୍ୟବାଦ ଦେଇଥିଲେ। ସମ୍ପାଦକ ସୁଶୀଲ ସାହୁ, ଅଭିଷେକ ସାହୁ, ରାକେଶ ରଞ୍ଜନ ସାହୁ, ସପ୍ନେଶ୍ୱର ସାହୁ, ବିଭୀଷଣ ସାହୁ, ପ୍ରଶାନ୍ତ ମହାକୁଡ଼, ସତ୍ୟବ୍ରତ ସାମଲ, ପୂଜା ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ବହୁ କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଅତିଥି, କ୍ରୀଡ଼ାବିତ୍‌ଙ୍କ ସମେତ ରାମେଶ୍ୱର ୟୁଥ କ୍ଲବ୍‌ର ସଦସ୍ୟମାନେ।

# ଅମୃତା, ବର୍ଷାଙ୍କୁ 'ସରଗମ୍ ନୃତ୍ୟ ସମ୍ମାନ'


ନୃତ୍ୟଶିଳ୍ପୀଙ୍କୁ ସମ୍ମାନିତ କରାଯାଉଛି।


କଳାକାରଙ୍କ ନୃତ୍ୟ ପରିବେଷଣ।

ଢେଙ୍କାନାଳ ଅଫିସ, ୭।୫

ଢେଙ୍କାନାଳର ନୃତ୍ୟାନୁଷ୍ଠାନ 'ସରଗମ୍ ନୃତ୍ୟ ଓ ସଙ୍ଗୀତ ଏକାଡେମୀ' ପକ୍ଷରୁ ରବିବାର ସନ୍ଧ୍ୟାରେ ସ୍ଥାନୀୟ ମିନି ଷ୍ଟାଡିୟମ୍‌ଠାରେ 'ସରଗମ୍ ନୃତ୍ୟ ମହୋତ୍ସବ–୨୦୨୩' ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ମଞ୍ଚ ଅଭିନେତା ଶତ୍ରୁଘ୍ନ ମାଟି ଯୋଗଦେଇ ଢେଙ୍କାନାଳର କଳାସଂସ୍କୃତି ମହାନ୍ ବୋଲି କହିଥିଲେ।

### 'ସରଗମ୍' ନୃତ୍ୟ ମହୋତ୍ସବ ଉଦ୍‌ଘାଟିତ

ଅନୁଷ୍ଠାନର ସଭାପତି ପୁରୁଷୋତ୍ତମ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ନୃତ୍ୟଶିଳ୍ପୀ ସୁଶ୍ରୀ ଅମୃତା ଶତପଥୀ, ବର୍ଷା ମହାନ୍ତିଙ୍କୁ 'ସରଗମ୍ ନୃତ୍ୟ ସମ୍ମାନ ୨୦୨୨–୨୩'ରେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ନୃତ୍ୟଗୁରୁ ସମୀର କୁମାର ପୃଷ୍ଟି ବିବରଣୀ ପାଠ କରିଥିବାବେଳେ କବି ଅଥୟ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଭୂତି ଭୂଷଣ ବେହେରା ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ର ତଥା କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସୋମବାର ମହୋତ୍ସବ ଉଦ୍‌ଯାପିତ ହେବ।

